# ଓପିଜିସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




ଲଖନପୁର, ୨୪।୨(ଆ.ପ୍ର): ଗ୍ରାମାଞ୍ଚଳରୁ ନାନାଦି ଦୁରାରୋଗ୍ୟ ବ୍ୟାଧି ନିରାକରଣ ପାଇଁ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି) ସହାୟତାର ହାତ ବଢାଇଛି। ସାଧାରଣ ଅସୁସ୍ଥତା ସହ ମ୍ୟାଲେରିଆ, ଡାଇବେଟିସ୍ ଓ ରକ୍ତହୀନତା ପରି ରୋଗର ଚିକିତ୍ସା ଦିଗରେ କଂପାନୀ ଏକ ନୂଆ ପଦକ୍ଷେପ ନେଇଛି। ଏଥିପାଇଁ ଦଳଗାଁ ଉଚ୍ଚ ବିଦ୍ୟାଳୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ୍ ୬୦୧ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା।ଓପିଜିସି ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟଲାଲ୍ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ।ଡାକ୍ତର ସଂଗୀତା ପଣ୍ଡା, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଦିଲ୍ଲିପ କୁମାର ପଟ୍ଟନାୟକ, ଡାକ୍ତର ଏକାନ୍ତ ପ୍ରଧାନ, ଆଶୀଷ ରାୟ, ୱାଇ ସି ରାଓ, ଲକ୍ଷ୍ମଣ କୁମାର କାର୍ମୀ ଓ ଡାକ୍ତର ସୁଭଙ୍ଗ କର ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ବହୁ ସାଧାରଣ ରୋଗୀଙ୍କୁ ଔଷଧ ଓ ଇଂଜେକ୍ସନ୍ ଯୋଗାଇ ଦିଆଯାଇଥିବା ବେଳେ ୪୫ ଜଣଙ୍କର ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା। ନିଗମର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲ୍ଲିପ ପଣ୍ଡା, ଲୋକ ସଂପର୍କ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଓ ଦାମୋଦର ନାୟକଙ୍କ ସମେତ ବହୁ ସ୍ୱାସ୍ଥ୍ୟକର୍ମୀ ଯୋଗ ଦେଇଥିଲେ।